## ଲକ୍ଷ୍ମୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ



ଅନୁଗୋଳ,୮ ।୨(ସମିସ): ଅନୁଗୋଳ ବ୍ଲକ ପୁରୁଣାଗଡ଼ ମା' ଲକ୍ଷ୍ମୀଙ୍କ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ମହିଳାମାନେ ମା' ଭୈରବୀ ମନ୍ଦିର ନିକଟ ମାଟେଇଆ ନାଳରୁ ଜଳପୂର୍ଣ୍ଣ କଳସ ଆଣି ଜଗନ୍ନାଥ ମନ୍ଦିର ପରିସରର ଲକ୍ଷ୍ମୀ ମନ୍ଦିର ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଆଚାର୍ଯ୍ୟ ମନୋଜ କୁମାର ମିଶ୍ର, ଦୀପକ ଦାସ ଓ ପାର୍ଥ ମିଶ୍ର ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଲକ୍ଷ୍ମୀ ମନ୍ଦିରର ସ୍ଥାୟୀ ପୂଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ମା' ଲକ୍ଷ୍ମୀଙ୍କ ବେଶ ନୀତି ସମାପନ କରିଥିଲେ । ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ଶ୍ରୀକାନ୍ତ ମିଶ୍ର ଓ ଗୁଣନିଧି ଦାସ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ମନ୍ଦିର ଉନ୍ନୟନ କମିଟି ସଭାପତି କୁମୁଦ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପୃଷ୍ଟି, ସମ୍ପାଦକ ସୁନୀଲ ଦଳବେହେରା, ସୁବୋଧ ସିଂହ, ସନାତନ ସାହୁ, ଅଜୟ ସିଂହ, ସୂର୍ଯ୍ୟାନନ୍ଦ ସିଂହ, ପ୍ରଫୁଲ୍ଲ ମହାପାତ୍ର, ଗଦାଧର ମହାଖୁଡ଼, ସୁମନ ଦଳବେହେରା, ଦିଲୀପ ଦେଓ, ସୁଧାକର ବେହେରା, ପ୍ରମୋଦ ମହାନ୍ତି, ଅର୍ଜୁନ ବେହେରା, ବିଦ୍ୟାଧର ଚିନିରା, ଯଶୋବନ୍ତ ବେହେରା, ଇନ୍ଦ୍ରମଣି ବେହେରା, ଜମ୍ବେଶ୍ୱର ଦଳବେହେରା, ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ପ୍ରସାଦ ବ୍ୟବସ୍ଥା ହୋଇଥିଲା ।

## ବାଲ୍ୟ ବିବାହମୁକ୍ତ ସଚେତନତା ରଥ ଶୁଭାରମ୍ଭ



କିଶୋରନଗର,୮ ।୨(ସମିସ): ୨୦୩୦ ସୁଦ୍ଧା ଭାରତ ସରକାରଙ୍କ ବାଲ୍ୟ ବିବାହମୁକ୍ତ ଭାରତ ଗଠନ ଲକ୍ଷ୍ୟ ସାକାର କରିବା ପାଇଁ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଓ ଜଷ୍ଟ ରାଇଟ ଫର ଚିଲଡ୍ରେନ ମିଳିତ ଉଦ୍ୟମରେ ବାଲ୍ୟ ବିବାହ ନିଷେଧ ଅଭିଯାନ ଚାଲୁ ରହିଛି । ଏ ନେଇ ଏକ ସଚେତନତା ରଥ ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶୁଭାରମ୍ଭ ହୋଇଛି । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏହାକୁ ଉଦଘାଟନ କରିଥିଲେ । ଏହି ରଥ ପାଲଲହଡ଼ା, କଣିହାଁ, ତାଳଚେର, ଛେଣ୍ଡିପଦା, ଆଠମଲ୍ଲିକ, କିଶୋରନଗର ବ୍ଲକର ସମସ୍ତ ପଞ୍ଚାୟତ ପରିଭ୍ରମଣ କରି ଲୋକଙ୍କୁ ସଚେତନ କରିବ । ଛାତ୍ରଛାତ୍ରୀଙ୍କୁ ବାଲ୍ୟ ବିବାହର କୁପରିଣାମ, ଦଣ୍ଡବିଧାନ ବିଷୟରେ ଅବଗତ କରାଇ ଶପଥପାଠ କରାଯିବ । କାର୍ଯ୍ୟକ୍ରମରେ ବିଶ୍ୱ ଯୁବକେନ୍ଦ୍ରର କର୍ମକର୍ତ୍ତା ଜ୍ୟୋତିସ୍ମିତା ପ୍ରଧାନ, ଅଭୟ ଚରଣ ସ୍ୱାଇଁ, ଗୁଲଶନ ମାଝି, ଶ୍ୱେତାମ୍ବର ମଲ୍ଲିକ ସହଯୋଗ କରିଥିଲେ ।

## ପବିତ୍ର ମୋହନ ସ୍ମୃତିପୀଠ ନିର୍ମାଣ ପାଇଁ ଧନ୍ୟବାଦ ସଭା



ପବିତ୍ରନଗର,୮ ।୨(ସମିସ): କଣିହାଁ ବ୍ଲକ ପବିତ୍ରନଗରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାର ଅନୁଦାନରେ ନିର୍ମାଣ ହେଇଥିବା ପବିତ୍ରମୋହନ ପ୍ରଧାନ ସ୍ମୃତିପୀଠ, ସିଙ୍ଗି-ତାଳପଦା ପବିତ୍ରମୋହନ ସେତୁ, ନୂତନ ମେଡିକାଲ ଗୃହ, ଚଷା ସମାଜ ଗୃହ, ସମାକୋଇ ସେତୁ, ଡିଗ୍ରୀ କଲେଜର ନୂତନ ଶ୍ରେଣୀଗୃହ କାର୍ଯ୍ୟ ଶେଷ ହେଇଥିବାରୁ କଣିହାଁ ତଥା ପବିତ୍ରନଗର ଅଞ୍ଚଳବାସୀଙ୍କ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓ ପୂର୍ବତନ ବିଧାୟକ ମୁକେଶ କୁମାର ପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପବିତ୍ର ମୋହନ ଫାଉଣ୍ଡସନ ସଭାପତି ମାନସ ରଞ୍ଜନ ପ୍ରଧାନ, ସମ୍ପାଦକ ଲମ୍ବୋଦର ପ୍ରଧାନ, ଉପସଭାପତି ମହେଶ୍ୱର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ପର୍ଶୁରାମ ବିଶ୍ୱାଳ, ରବିଚନ୍ଦ୍ର ରାଉତ, ଅବନୀ ଦେହୁରୀ, ତପନ ବେହେରା, ଦେବରାଜ ପ୍ରଧାନ, ଜୟନ୍ତ ପ୍ରଧାନ, ବିରଞ୍ଚି ନାରାୟଣ ସାହୁ, ଧ୍ରୁବ ଚରଣ ବିଶ୍ୱାଳ, ସୁଧାକର ପ୍ରଧାନ, ଶିବରାମ ବେହେରା, ସୁବାସ ମହାନ୍ତି ପ୍ରମୁଖଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ ।

## ବଇଣ୍ଡା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ବଇଣ୍ଡା,୮ ।୨(ସମିସ): ପ୍ରାଥମିକ ସ୍ତରରୁ ଶିକ୍ଷାକୁ ମଜବୁତ କରିବା ଆବଶ୍ୟକ । ପିଲାମାନେ ମନଦେଇ ପାଠ ପଢ଼ିବା ଦରକାର । କଠିନ ପରିଶ୍ରମ କଲେ ସଫଳତା ମିଳିବ ବୋଲି ଶନିବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବିଦ୍ୟାଳୟ ସଭାପତି ଶରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ବୈଦିକ ଗଣିତ ସହ ସଂଯୋଜକ ପ୍ରଶ୍ନକୁମାର ସାହୁ, ସମ୍ମାନିତ ଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖମାରୀ ଯୋଗଦେଇଥିଲେ । ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ନିତ୍ୟାନନ୍ଦ ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସହପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ, ବିନୀତା ପ୍ରଧାନ, ବୁଲୁ ପ୍ରସାଦ ସାହୁ, ବାପୁଜୀ ଦେହୁରି, ନିରୁପମା ବାରିକ, ଗୌରୀ ଶତପଥୀ, ରମାକାନ୍ତ ସାହୁ, ଇତିଶ୍ରୀ ସାହୁ, ସୋମାଲିନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

### ପବିତ୍ର ମୋହନ ପ୍ରଧାନଙ୍କ ୧୧୮ ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

# 'ପବିତ୍ରମୋହନ ହେଉଛନ୍ତି ସେବା ଓ ତ୍ୟାଗର ପ୍ରତୀକ'





ଅନୁଗୋଳ/କଣିହାଁ,୮ ।୨(ସମିସ):

ପବିତ୍ରମୋହନ ପ୍ରଧାନ ହେଉଛନ୍ତି ସେବା ଓ ତ୍ୟାଗର ପ୍ରତୀକ ବୋଲି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପବିତ୍ରନଗରରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ୧୧୮ ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ହରିବାବୁ କମ୍ଭମପଟି କହିଛନ୍ତି । ଏହି ଅବସରରେ ରାଜ୍ୟପାଳ ପବିତ୍ରମୋହନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ସଂଗ୍ରହାଳୟ ଲୋକାର୍ପଣ କରିଛନ୍ତି । ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ ରାଜ୍ୟପାଳ କହିଲେ ଯେ ଏ ମାଟି କେବଳ ଏକ ଭୌଗୋଳିକ ସ୍ଥାନ ନୁହେଁ ଏହା ତ୍ୟାଗ, ସାହସ ଏବଂ ବିବେକର ଭୂମି । ଏହି ଭୂମି ଓଡ଼ିଶାର ବୀରପୁତ୍ର ପବିତ୍ର ମୋହନଙ୍କୁ ଜନ୍ମ ଦେଇଥିଲା, ଯାହାଙ୍କ ଜୀବନ ନ୍ୟାୟ ମର୍ଯ୍ୟାଦା ଏବଂ ସାଧାରଣ ଲୋକଙ୍କ ଅଧିକାର ପାଇଁ ଛିଡ଼ା ହେବାକୁ ପ୍ରତ୍ୟେକ ପିଢ଼ିକୁ ପ୍ରେରଣା ଯୋଗାଇବ । ଏହି ପ୍ରତିମୂର୍ତ୍ତି ଓ ସଂଗ୍ରହାଳୟ କେବଳ ପଥର ଏବଂ ଇଟାରେ ଗଠନ ନୁହେଁ । ଏହା ସମାଜର ସେବା, ସ୍ୱାଧୀନତା ଏବଂ ଗରିବ ଏବଂ ଦୁର୍ବଳ ଲୋକଙ୍କ ଉନ୍ନତି ପାଇଁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗୀକୃତ ଏକ ମହାନ ଜୀବନର ଜୀବନ୍ତ ପ୍ରତୀକ ବୋଲି ରାଜ୍ୟପାଳ କହିଥିଲେ । ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କୁ ମାଟିର ଗର୍ବ, ଗୌରବ ଓ ସ୍ୱାଭିମାନର ପ୍ରତୀକ ଭାବେ ଅବତାରଣା କରିଥିଲେ । ସର୍ବଦା ସେ ପିଢ଼ି ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବେ ବୋଲି କହିଥିଲେ । ସ୍ୱର୍ଗତ ପ୍ରଧାନଙ୍କ ସଂଗ୍ରାମୀ ଜୀବନ ଆଉ ରାଜନୈତିକ ଜୀବନ ଉପରେ ଆଲୋକପାତ କରି ବିଶେଷ ଭାବେ ଶିକ୍ଷାର ଉନ୍ନତି ପାଇଁ ସେ ନେଇଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ । ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୋଇ ଅଞ୍ଚଳର ଗୌରବ ବର୍ଦ୍ଧନ କରିବାକୁ ଆହ୍ୱାନ କରିଥିଲେ । ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ଉଲ୍ଲେଖ କରି ଏହାର ସୁଦୂରପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଭାରତ ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶାକୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଣତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବତାରଣା କରି ଯୁବବର୍ଗ ଉଦ୍ୟୋଗୀ ହେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲାପାଳ ଅବ୍ଦାଲ ଅଖତାର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ ।

## ହିଡ଼ିସିଙ୍ଗ ପ୍ରୋଜେକ୍ଟ କୃଷକ ମହାସଙ୍ଘର ବୈଠକ

ଅନୁଗୋଳ,୮ ।୨(ସମିସ): ବନ୍ତଳା ଅଞ୍ଚଳ ନନ୍ଦପୁର ପଞ୍ଚାୟତ କରଡ଼ାସିଙ୍ଗଠାରେ ହିଡ଼ିସିଙ୍ଗ ପ୍ରୋଜେକ୍ଟ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି । ଏ ନେଇ ରବିବାର ବନ୍ତଳା ଶ୍ରୀରାମ ମନ୍ଦିରରେ କମିଟି ତରଫରୁ ବୈଠକ ବସିଥିଲା । ହିଡ଼ିସିଙ୍ଗ ପ୍ରୋଜେକ୍ଟ କୃଷକ ମହାସଙ୍ଘ ସଭାପତି ଦୀନେଶ ଦେହୁରୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ପ୍ରୋଜେକ୍ଟ ନିର୍ମାଣ ପାଇଁ ଜଙ୍ଗଲ ଜମି ଅନୁମୋଦନ ମିଳିଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ତେବେ ମିଳିଥିବା ଚିଠିରେ ଏଜେଣ୍ଡା ନମ୍ବର ୨୮ ର ୪୮ ରେ ଥିବା ୭ ପଏଣ୍ଟ ଗୁରୁତ୍ୱପୂର୍ଣ୍ଣ ରହିଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ୟୁଜର ଏଜେନ୍ସି, ବନ ବିଭାଗ ଓ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦାୟିତ୍ୱରେ ନିର୍ଭୁଲ ତଥ୍ୟ ସଂଗ୍ରହ କରିବେ । ଏଥିରେ ଜଙ୍ଗଲ ଜମି ନଷ୍ଟ ପରିବର୍ତ୍ତେ ବନୀକରଣ ପାଇଁ ଦିଆଯାଇଥିବା ଢେଙ୍କାନାଳ ଓ ଦେବଗଡ଼ ବନଖଣ୍ଡ ଅଧୀନରେ ଥିବା ଜାଗାରେ ଯଦି ଜବରଦଖଲ ଥାଏ ତେବେ ଉଚ୍ଛେଦ କରି ରିପୋର୍ଟ ପ୍ରଦାନ କରିବେ । ଡ୍ୟାମ ନିର୍ମାଣ ସମୟରେ ନାଳ ପାଣିକୁ ବନ୍ଦ ନ କରି ଡାଇଭର୍ସନ କରି ପୁନର୍ବାର ନାଳକୁ ପାଣି ପକାଇବେ ଏବଂ କ୍ୟାଚମେଣ୍ଟ ଏରିଆରେ ଟ୍ରିଟମେଣ୍ଟ, ଡ୍ୟାମ ସୁରକ୍ଷା ରିପୋର୍ଟ ଆଦି ୟୁଜର ଏଜେନ୍ସି ଟଙ୍କା ଖର୍ଚ୍ଚ କରି କରିବେ । ପ୍ରୋଜେକ୍ଟ ନିର୍ମାଣ, ବିସ୍ଥାପନ, କେନାଲ ନିର୍ମାଣ ସରକାର କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି । ସେହିପରି ଆଗାମୀ ଦିନରେ ହେବାକୁ ଥିବା ପରିବେଶ ମଞ୍ଜୁରୀ ପାଇଁ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗ ଦ୍ୱାରା ହେବାକୁ ଥିବା ଜନଶୁଣାଣିକୁ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଓ କ୍ଷତିଗ୍ରସ୍ତ ହେଉଥିବା ହିଡ଼ିସିଙ୍ଗ ଓ ଡିମିରିପାଳର ସମସ୍ତ ଚାଷୀଙ୍କ ସହଯୋଗ ଏହି କାର୍ଯ୍ୟକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଏଥି ସହିତ ବିଧାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଛି । ପ୍ରୋଜେକ୍ଟ ନିର୍ମାଣ ନେଇ ଆଜିପର୍ଯ୍ୟନ୍ତ ଆନ୍ଦୋଳନ କରି ସହିଦ ହୋଇଥିବା ପୋକତୁଙ୍ଗା ଗ୍ରାମର ବେଣୁଧର ପ୍ରଧାନ, ସୁଶୀଳ ପ୍ରଧାନ, ସୁରେଶ ପ୍ରଧାନ, ଗିରିଶ ପ୍ରଧାନ, ନନ୍ଦପୁର ଗ୍ରାମର ବଂଶୀଧର ପ୍ରଧାନ, କାଶୀନାଥ ଦେହୁରୀ, ଦୈତାରୀ ସାହୁ, ବ୍ରହ୍ମପୁର ଗ୍ରାମର ମହର୍ଗା ରାଉଳ, ଲୋକନାଥ ପ୍ରଧାନ, ମଧୁପୁର ଗ୍ରାମର ଚକ୍ରଧର ସାହୁ, ତ୍ରିନାଥ ଦେହୁରୀ, ପ୍ରଭାକର ସାହୁ, ତଳଗଡ଼ର ଧରଣୀଧର ସାହୁ, କରତପଟାର ବସନ୍ତ ପ୍ରଧାନ ଓ ଏୟୁସିସିର



କମ୍ରେଡ୍ ଭୀମସେନ ବେହେରାଙ୍କ ବଳିଦାନ ଆଜି ସାର୍ଥକ ହେବାକୁ ଯାଉଛି । ବୈଠକରେ ସେମାନଙ୍କ ସ୍ମୃତିଚାରଣ କରାଯାଇଥିଲା । ପ୍ରୋଜେକ୍ଟ ନିର୍ମାଣ ସ୍ଥାନରେ ସେହି ମହାନ ଆତ୍ମାମାନଙ୍କ ସ୍ମୃତିଫଳକ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି । ବୈଠକରେ ମହାସଙ୍ଘ ସମ୍ପାଦକ ଜିତେନ୍ଦ୍ର ଦେହୁରୀ, କୋଷାଧ୍ୟକ୍ଷ ରବିନାରାୟଣ ପ୍ରଧାନ, ଉପଦେଷ୍ଟା ଇଂ ତ୍ରିନାଥ ସାହୁ, ହାଡ଼ିବନ୍ଧୁ ଦେହୁରୀ, ବିଜୟ ମାଝୀ, ମୋହନ ସାହୁ, ପ୍ରଶାନ୍ତ ପ୍ରଧାନ, ଲମ୍ବୋଦର ଦେହୁରୀ, ନବଘନ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

## ନାଲକୋ ନଗରରେ ଜାତୀୟ ଆଦିବାସୀ ମେଳା ଉଦଘାଟିତ




ଅନୁଗୋଳ,୮ ।୨(ସମିସ): ଆଦିବାସୀମାନଙ୍କ ପାରମ୍ପରିକ ବେଶଭୂଷା, କଳା, ସଂସ୍କୃତି ଏବଂ ଗୃହ ପରିବେଶରେ ଜୀବନଶୈଳୀର ଝଲକ ମଧ୍ୟରେ ସେମାନଙ୍କ ଉତ୍ପାଦିତ ଓ ସଂଗୃହୀତ ଜଡ଼ିବୁଟିଠାରୁ ଆରମ୍ଭ କରି ଖାଦ୍ୟଶସ୍ୟ, ମସଲା, ହସ୍ତଶିଳ୍ପ ଓ କୁଟୀରଶିଳ୍ପର ଉତ୍ପାଦ ସବୁର ପ୍ରଦର୍ଶନ ଓ ବିକ୍ରୟ ପାଇଁ ନାଲକୋ ନଗର ପଲ୍ଲିଶ୍ରୀ ମେଳା ପଡ଼ିଆରେ ଜାତୀୟସ୍ତରୀୟ ଆଦିବାସୀ ମେଳା ଉଦଘାଟିତ ହୋଇଛି । ୯ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାକୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ । ମେଳା ଆୟୋଜନ କରିଥିବା "ସ ପରିଚୟ ଫାଉଣ୍ଡେସନ ଟ୍ରଷ୍ଟ' ନିର୍ଦ୍ଦେଶକ ଶୁଭାଶିଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଧାନ, ମୁଖ୍ୟବକ୍ତା ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଲୋକନୃତ୍ୟର ରିସର୍ଚ୍ଚ ଅଧିକାରୀ ପଦ୍ମିନୀ ଟପ୍ପୋ, କେନ୍ଦ୍ର ସରକାରଙ୍କ ହସ୍ତଶିଳ୍ପ ଉନିର୍ଦ୍ଦେଶକ ଶୈଳଜା କୁମାରୀ ଏବଂ ନାଲକୋ ସିଜିଏମ ପ୍ରଣବ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ବିଭିନ୍ନ ଗ୍ରୁପ ଦ୍ୱାରା ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ମେଳାରେ ୧୫୦ଟି ଷ୍ଟଲରେ ଆଦିବାସୀ ଜୀବନଶୈଳୀ, ଚିତ୍ରକଳା, କୁଟୀରଶିଳ୍ପ, ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟ, ଜଡ଼ିବୁଟି, ପୋଷାକ, ଖାଦ୍ୟଶସ୍ୟ, ମସଲା, ଘରକରଣା ପ୍ରଭୃତି ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ ଚାଲିବ । ମେଳାରେ ୧୨ ରାଜ୍ୟ ସମେତ ଓଡ଼ିଶାର ୧୯ ଜିଲ୍ଲାରୁ ଆଦିବାସୀ ଶିଳ୍ପୀ, କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ସାମଗ୍ରୀ ନେଇ ଆସିଛନ୍ତି ।

## ଘୋଷର ରାମକୃଷ୍ଣ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

କିଶୋରନଗର,୮ ।୨(ସମିସ): କିଶୋରନଗର ବ୍ଲକ ଘୋଷରସ୍ଥିତ ରାମକୃଷ୍ଣ ଶିକ୍ଷାନୁଷ୍ଠାନର ୧୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି ।



ମୁଖ୍ୟଅତିଥି ଭାବେ କିଶୋରନଗର ବିଇଓ ଅରୁଣ କୁମାର ସେଠୀ, ମୁଖ୍ୟବକ୍ତା ଭାବେ କିଶୋରନଗର ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ ଦାସ, ସମ୍ମାନିତ ଅତିଥି ଭାବେ କିଶୋରନଗର ଡିଗ୍ରୀ କଲେଜ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତେନ୍ତୁଳିପଥର ରାମକୃଷ୍ଣ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ, ଏସଏମସି କମିଟି ସଭାପତି ରୁଦ୍ରନାରାୟଣ ସାହୁ, ଶିକ୍ଷାବିତ ଯୋଗୀନ୍ଦ୍ର ସାହୁ ଯୋଗଦେଇଥିଲେ । ଏ ବର୍ଷ ଏହି ଅନୁଷ୍ଠାନରେ ଛାତ୍ରାବାସ ହେବ ବୋଲି ରାମକୃଷ୍ଣ ଶିକ୍ଷାନୁଷ୍ଠାନ ସଭାପତି ରଜନୀକାନ୍ତ ସାହୁ ଘୋଷଣା କରିଥିଲେ । ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ରଜନୀ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଅଧ୍ୟକ୍ଷା ପଦ୍ମିନୀ ସାହୁ ବିବରଣୀ ପାଠ କରଥିଲେ । ଶିକ୍ଷକ ତ୍ରିଲୋଚନ ବାରିକ ମଞ୍ଚ ସଞ୍ଚାଳନ କରିଥିଲେ । ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ● ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

## 'ସଂସ୍କାରମୂଳକ ଶିକ୍ଷା ହିଁ ସମାଜକୁ ସୁଦୃଢ଼ କରିବ'

ଅନୁଗୋଳ,୮ ।୨(ସମିସ): ସ୍ଥାନୀୟ ହାଟଛକସ୍ଥିତ ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟା ମନ୍ଦିରର ସଭାପତି ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଇଓ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଖଲାରୀ ସରପଞ୍ଚ ସସ୍ମିତା ଗଡ଼ନାୟକ, ସମାଜସେବୀ ପର୍ଶୁରାମ



ଦାଶ, ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସୁଜିତ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟଅତିଥି ବିଧାୟକ ପ୍ରଧାନ କହିଲେ ଯେ ଶିଶୁମାନଙ୍କ ପ୍ରାଥମିକ ଶିକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କେବଳ ପାଠ ପଢ଼ାଇ ଉଚ୍ଚ ଶିକ୍ଷିତ କରିଦେଲେ ହେବ ନାହିଁ ବରଂ ଶିଶୁମାନଙ୍କୁ ପ୍ରାଥମିକ ଅବସ୍ଥାରେ ସଂସ୍କାରମୂଳକ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ । ଏହା ହେଲେ ସମାଜ ସୁଦୃଢ଼ ଓ ଶୃଙ୍ଖଳିତ ହୋଇପାରିବ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ବିଇଓ ପ୍ରଧାନ ତାଙ୍କ ଅଭିଭାଷଣରେ କହିଲେ ଯେ ପିତାମାତା ହେଉଛନ୍ତି ଶିଶୁର ପ୍ରଥମ ଗୁରୁ । ତେଣୁ ଶିଶୁମାନଙ୍କ ଭବିଷ୍ୟତ ପିତାମାତାଙ୍କ ଉପରେ ନିର୍ଭର କରେ । ପ୍ରତ୍ୟେକ ପିତାମାତା ଶିଶୁଙ୍କୁ ଚାପଗ୍ରସ୍ତ ନ କରି ସେମାନଙ୍କ ମାନସିକ ଅବସ୍ଥା ବୁଝି ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଆଚାର୍ଯ୍ୟା ସଞ୍ଜୁକ୍ତା ଭୋଇ ଓ ଲିଲି ବେହେରାଙ୍କୁ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ବାର୍ଷିକ କ୍ରୀଡ଼ାର ଶ୍ରେଷ୍ଠ ଖେଳାଳି ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ପ୍ରଧାନଆଚାର୍ଯ୍ୟ ପବିତ୍ର ଦେହୁରୀ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଆ ଅଧ୍ୟାପିକା ସବିତାରାଣୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଶିଶୁ ଭାଇଭଉଣୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଗୁରୁମା ନିରୁପମା ଗଡ଼ନାୟକ, ବନ୍ଦନା ତ୍ରିପାଠୀ, କବିତା ଶତପଥୀ, ବିନୋଦିନୀ ଦାଶ, ଋତୁପର୍ଣ୍ଣା ଧୀର, ଲିପ୍ସା ରଥ, ଲିପ୍ସା ପ୍ରିୟଦର୍ଶିନୀ, ଲୋପାମୁଦ୍ରା ସାହୁ, ସ୍ୱର୍ଣ୍ଣପ୍ରଭା କର, ମଞ୍ଜୁଲିକା ପ୍ରଧାନ, ମଞ୍ଜୁ ଦେହୁରୀ, ପୁଷ୍ପ ଭୋଇ, ସିଦ୍ଧାର୍ଥ ସାହୁ, କୃଷ୍ଣ ପ୍ରଧାନ, ଚଗୁଲୁ ଗଡ଼ନାୟକ, ଦିଲୀପ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ■ ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଝାରସୁଗୁଡ଼ାକୁ ହରାଇ କୁଚିଣ୍ଡା ଚାମ୍ପିଅନ

ଆଠମଲ୍ଲିକ,୮ ।୨(ସମିସ): କ୍ରୀଡ଼ା ସଂସଦ ପକ୍ଷରୁ ଆୟୋଜିତ ଆଠମଲ୍ଲିକ କପ-୨୦୨୬ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ୍ କୁଚିଣ୍ଡା ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କୁଚିଣ୍ଡା ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ରେଫରୀ ଶିବଶଙ୍କର ପଣ୍ଡା ଓ ଲାଇନ୍ସମ୍ୟାନ ଭାବେ ଗରିବ ବେହେରା, ସୁଜିତ ରାଜହଂସ ମ୍ୟାଚ ପରିଚାଳନା କରିଥିଲେ । ଶିକ୍ଷକ ପ୍ରଦୀପ କୁମାର ବାହୁକ ଧାରାବିବରଣୀ ପ୍ରଦାନ କରିଥିଲେ । ସପ୍ତାହ ବ୍ୟାପୀ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ ଦଳ ଭାଗ ନେଇଥିଲେ ।

### ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ସମାରୋହ

# ପ୍ରକୃତ ସଫଳତା ଦାୟିତ୍ୱବାନ ନାଗରିକଠାରେ ନିହିତ: ରାଜ୍ୟପାଳ

ଅନୁଗୋଳ/କଣିହାଁ,୮ ।୨(ସମିସ):



ଜୀବନରେ ପ୍ରକୃତ ସଫଳତା କେବଳ ବୃତ୍ତିଗତ ସଫଳତା କିମ୍ବା ଭୌତିକ ସମୃଦ୍ଧିରେ ନୁହେଁ, ବରଂ ଭଲ ମଣିଷ ଏବଂ ସମାଜରେ ଅର୍ଥପୂର୍ଣ୍ଣ ଅବଦାନ ରଖୁଥିବା ଦାୟିତ୍ୱବାନ ନାଗରିକ ହେବାରେ ନିହିତ ରହିଛି ବୋଲି ରବିବାର ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ପିଏମ୍ଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି କହିଛନ୍ତି । ୭ ଦଶନ୍ଧିରୁ ଅଧିକ ସମୟ ଧରି ଏହି ପ୍ରତିଷ୍ଠାନ ବଜାୟ ରଖିଥିବା ସମର୍ପଣ, ଶୃଙ୍ଖଳା ଏବଂ ଅଖଣ୍ଡତାର ମୂଲ୍ୟବୋଧକୁ ଅଧିକ ଋଦ୍ଧିମନ୍ତ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି । ଶିକ୍ଷା ଗ୍ରହଣ କରି କେବଳ କ୍ୟାରିୟର ନୁହେଁ ବରଂ ଚରିତ୍ରକୁ ମଧ୍ୟ ଗଢ଼ିତୋଳିବା ଉଚିତ, ଯାହା ଯୁବବର୍ଗଙ୍କୁ ସମାଜରେ ସକାରାତ୍ମକ ଅବଦାନ ଦେବାରେ ସକ୍ଷମ କରିବ । ଏହି ଅନୁଷ୍ଠାନ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ପ୍ରବୀଣ ରାଜନେତା ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଯେତେବେଳେ ଏହି ଅଞ୍ଚଳ ସୀମିତ ଶିକ୍ଷା ଓ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲା, ସେତେବେଳେ ସ୍ୱର୍ଗତ ପ୍ରଧାନ ଦୃଢ଼ ବିଶ୍ୱାସର ସହ ସ୍କୁଲ ପ୍ରତିଷ୍ଠା କରିଥିଲେ । ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନ ପାଇଁ ସବୁଠାରୁ ବଡ଼ ଶକ୍ତି ବୋଲି ରାଜ୍ୟପାଳ କହିଥିଲେ ।

ସମାରୋହରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ ଯେ ଦିନେ ତାଙ୍କ ପିତା ଏହି ବିଦ୍ୟାଳୟର ଛାତ୍ର ଥିଲେ । ଆଜି ସେହି ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ସମାରୋହରେ ଯୋଗଦେଇ ସେ ଆନନ୍ଦିତ ବୋଲି କହିଥିଲେ । ପ୍ଲାଟିନମ୍ ଜୁବୁଲି ପାଳନ କମିଟି ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା ଓ ନେତାଜୀଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ଉନ୍ମୋଚିତ ହୋଇଥିଲା ।

# ଶିକ୍ଷକ କର୍ମଶାଳା ପାଲଟିଲା ରଣାଙ୍ଗନ



- ପ୍ରଧାନଶିକ୍ଷକଙ୍କ ଉନ୍ମତ୍ତକାଣ୍ଡ
- ଅଭିଯୁକ୍ତଙ୍କୁ ଛାଡ଼ିଦେଲା ପୁଲିସ

ପରଜଙ୍ଗ,୮ ।୨(ସମିସ):

ପରଜଙ୍ଗ ବ୍ଲକ କୁମୁସି ଉଚ୍ଚ ବିଦ୍ୟାଳୟରେ ଚାଲିଥିଲା ପାଞ୍ଚଦିନିଆ ଶିକ୍ଷକ କର୍ମଶାଳା। ଭାଗ ନେଇଥିଲେ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ। ମାତ୍ର ହଠାତ କର୍ମଶାଳା ପାଲଟିଲା ରଣାଙ୍ଗନ। କୁମୁସି ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ପ୍ରଧାନ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ଉପସ୍ଥିତ ଅନ୍ୟ ଶିକ୍ଷକଙ୍କୁ ଲୁହା ହତା ଧରି ମାରିବାକୁ ଉଠିଲେ। ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଉପସ୍ଥିତ ଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସେ ଅଶ୍ଳୀଳ ଭାଷା ପ୍ରୟୋଗ କରିବା କର୍ମଶାଳା ପରିସରରେ ଆତଙ୍କ ସୃଷ୍ଟି କରିଥିଲେ। ଏପରିକି ଲୁହା ହତା ଧରି ଆକ୍ରମଣ ଉଦ୍ୟମ କରିବା ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଏ ନେଇ ଉପସ୍ଥିତ ଶିକ୍ଷକମାନେ ସାଆନ୍ଦା ଫାଣ୍ଡିରେ ଜଣାଇବା ପରେ ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ କାବୁ କରି ଫାଣ୍ଡିକୁ ନେଇଥିଲେ। ତେବେ କିଛି ସମୟ ପରେ ତାଙ୍କୁ ଛାଡ଼ି ଦେଇଥିଲେ। ପରେ ସିଆରସିସି ଅଜିତ ଦାସ ଏ ନେଇ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସେପଟେ ଶିକ୍ଷା ବିଭାଗ ତରଫରୁ କେହି ଫାଣ୍ଡିକୁ ଆସିଲେ ନାହିଁ ବୋଲି ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ଛାଡ଼ିଦେଲି ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି। ଅଭିଯୁକ୍ତଙ୍କୁ ଫାଣ୍ଡି ଅଧିକାରୀ ଛାଡ଼ି ଦେଇଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଫାଣ୍ଡିରୁ ଯିବା ପରେ ପ୍ରଧାନଶିକ୍ଷକ ଫେରାର ହୋଇଯାଇଛନ୍ତି।

### ହିନ୍ଦୋଳରେ ଦିଗହରା ସ୍ୱଚ୍ଛ ଭାରତ ମିଶନ

# ପାଇଖାନା ନିର୍ମାଣ ନ କରି ଲକ୍ଷାଧିକ ଟଙ୍କା ଚଳୁ



ହିନ୍ଦୋଳ,୮ ।୨(ସମିସ): ହିନ୍ଦୋଳ ବ୍ଲକର ବିଭିନ୍ନ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଦିଗହରା ହୋଇଛି। କେତେକ ସ୍ଥାନରେ ଅତ୍ୟନ୍ତ ନିମ୍ନମାନର ପାଇଖାନା ନିର୍ମାଣ ହୋଇଥିବାରୁ ତାହା ଭାଙ୍ଗିରୁଜି ଯାଇଥିବା ବେଳେ ବହୁ ଗ୍ରାମରେ ଆଦୌ ପାଇଖାନା ନିର୍ମାଣ ନ କରି ମିଥ୍ୟା ବିଲ ଜରିଆରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ତଦନ୍ତ କରିବାକୁ କାହାର ଯେମିତି ଆନ୍ତରିକତା ନାହିଁ।

ଗ୍ରାମାଞ୍ଚଳର ଜନସାଧାରଣଙ୍କ ସୁବିଧା ନିମନ୍ତେ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଜରିଆରେ ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଁଏ ପାଇଖାନା ନିର୍ମାଣ କରିବା ପାଇଁ ଟଙ୍କା ମଞ୍ଜୁର କରିଥିଲେ। ସ୍ୱଚ୍ଛ ପରିବେଶ ଗଠନ ଏହି ମିଶନର ଲକ୍ଷ୍ୟ ରହିଥିବା ବେଳେ ବିଗତ ଦିନରେ ହିନ୍ଦୋଳ ଉପଖଣ୍ଡରେ ଏହି ପାଇଖାନା ନିର୍ମାଣ ପାଇଁ ଢେଙ୍କାନାଳ ଅଞ୍ଚଳର କିଛି ଠିକାଦାର ଓ ଉପଖଣ୍ଡର କିଛି ଠିକାଦାର ଚୟନ କରି କିଛି ଜାଗାରେ ପାଇଖାନା ନିର୍ମାଣ କରାଯାଇଛି। ତେବେ ଅତ୍ୟନ୍ତ ନିମ୍ନମାନର ପାଇଖାନା ନିର୍ମାଣ କରାଯାଇଥିଲା। ସେପଟେ ଅନେକ ହିତାଧିକାରୀଙ୍କ ଆଧାର କାର୍ଡ ନେଇ ପାଇଖାନା ନିର୍ମାଣ କରାଯିବାକୁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ସେମାନଙ୍କ ନାମରେ ପାଇଖାନା ନିର୍ମାଣ କରାଯାଇଥିବା କାଗଜପତ୍ରରେ ଦର୍ଶାଇ ଟଙ୍କା ହଡ଼ପ କରାଯାଇଛି। ଯାହାର ପରିଣାମ ଏବେ ନିରୀହ ଜନସାଧାରଣ ଭୋଗୁଛନ୍ତି। ପାଇଖାନା ନ ଥିବାରୁ ଗ୍ରାମାଞ୍ଚଳର ଜନସାଧାରଣ ରାତିପାହିଲେ ବାହାରକୁ ଶୌଚ ହେବାପାଇଁ ଯିବାକୁ ବାଧ୍ୟ ହେଉଛନ୍ତି। ହିନ୍ଦୋଳ ଉପଖଣ୍ଡ ହାତୀ ଉପଦ୍ରୁତ ଅଞ୍ଚଳ ହୋଇଥିବା ବେଳେ ପାଇଖାନା ଅଭାବରୁ ବାହାରକୁ ଯାଇ ପ୍ରତ୍ୟେକ ବର୍ଷ ବହୁ ଜନସାଧାରଣ ହାତୀ ହାବୁଡ଼ରେ ପଡ଼ି ମୃତ୍ୟୁମୁଖରେ ପଡୁଛନ୍ତି। ଏବେ ପ୍ରତି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଞ୍ଚାୟତ ସମିତିର ଅନୁମୋଦନରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆବର୍ଜନା ଗୃହଗୁଡ଼ିକ କେଉଁଠି ଭାଙ୍ଗିରୁଜି ଗଲାଣି ତ ଆଉ କେଉଁଠି ଆଜବେଷ୍ଟସ ଛପର ଉଡ଼ିଗଲାଣି। ହିନ୍ଦୋଳ ବ୍ଲକରେ ୩୫ଟି ପଞ୍ଚାୟତରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆବର୍ଜନା କୁଣ୍ଡଗୁଡ଼ିକ ନିମ୍ନମାନର କରାଯାଇଥିବାରୁ ଏହା କମ୍ ଦିନରେ ଭାଙ୍ଗିରୁଜି ଯାଇଛି। ପଞ୍ଚାୟତରୁ ୩୦ ପ୍ରତିଶତ ଓ ସ୍ୱଚ୍ଛ ଭାରତ ମିଶନରୁ ୭୦ ପ୍ରତିଶତ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇ ପ୍ରତ୍ୟେକ ପଞ୍ଚାୟତରେ ଆବର୍ଜନା କୁଣ୍ଡ ନିର୍ମାଣ କରାଯାଇ ଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଉକ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିଲା। ଫଳରେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଆବର୍ଜନା ଗୃହ ଭାଙ୍ଗିରୁଜି ଯାଇଛି। ଏହାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ବୈଶ୍ୟ ଗୋପ ସମାଜର ବନ୍ଧୁମିଳନ



ଓଡ଼ାପଡ଼ା,୮ ।୨(ସମିସ): କଣ୍ଟାବଣିଆ ଥାନା ମାନପୁର ଲକ୍ଷ୍ମୀନାରାୟଣ କ୍ଲବ ପରିସରରେ ରବିବାର ଢେଙ୍କାନାଳ ବୈଶ୍ୟ ଗୋପ ସମାଜ ପରଜଙ୍ଗ ଶାଖାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପରଜଙ୍ଗ ଶାଖା ସଭାପତି ତ୍ରିଲୋଚନ ଭୁତିଆଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାରମ୍ଭରେ ଗୋପାଳ ସମାଜର ଆରାଧ୍ୟ ଦେବତା ପ୍ରଭୁ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କୋଷାଧ୍ୟକ୍ଷ ତଥା ମାନପୁର ଗୋପାଳ ସମାଜର ବରିଷ୍ଠ ସଭ୍ୟ ରସାନନ୍ଦ ଭୁତିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ମଞ୍ଚ ପରିଚାଳନା କରିଥିଲେ। ଉପସ୍ଥିତ ସମସ୍ତ ୧୩ ମଣ୍ଡଳର ସଭାପତି, ସମ୍ପାଦକ ଓ ବହୁ ମାନ୍ୟଗଣ ବ୍ୟକ୍ତି ନିଜ ନିଜ ମଣ୍ଡଳର ଭଲମନ୍ଦ ପ୍ରକାଶ କରିଥିଲେ। ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଦାବି ଉପସ୍ଥାପନା କରିଥିଲେ। ପରଜଙ୍ଗ ଶାଖାର କାର୍ଯ୍ୟାଳୟ ଗୃହ ନିର୍ମାଣ, ତୁରନ୍ତ ରେଜିଷ୍ଟ୍ରେସନ, ସୁଦୃଢ଼ ସମାଜ ଗଠନର ଆବଶ୍ୟକତା, ପ୍ରତିମାସରେ ବୈଠକ ଆୟୋଜନ ସହ ବିଭିନ୍ନ ସମସ୍ୟା ସମାଧାନ, ଯୁବସମାଜ ଓ ମାତୃମଣ୍ଡଳୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ମାନପୁର ଗ୍ରାମର ପ୍ରଦୀପ ବେହେରା, କୀର୍ତ୍ତନ ବେହେରା, ବିଦ୍ୟାଧର ରାଉତ, ମେଘନାଦ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ଓ ଲକ୍ଷ୍ମୀନାରାୟଣ କ୍ଲବ ସଦସ୍ୟ ସହଯୋଗ କରିଥିଲେ।

# ମୁଖ୍ୟ ରାସ୍ତା ଉପରେ ମୁକୁଳା ପଡ଼ିଛି ଡ୍ରେନ୍

ଗଁଦିଆ,୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରୁ ଭୁବନ ଓ ଚଢ଼େଇଧରାକୁ ସଂଯୋଗ କରୁଥିବା ଗଁଦିଆ ବ୍ଲକର ଲାଇଫଲାଇନ ମୁଖ୍ୟ ରାସ୍ତାର ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ୪ବର୍ଷ ହେଲା ଦେଓଗାଁ ଛକରୁ ମନ୍ଦାର ଛକ ପର୍ଯ୍ୟନ୍ତ ଏହି ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ହେଲେ ତାହା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏବେ ସୁଦ୍ଧା ଉକ୍ତ ରାସ୍ତାର ଅନେକ ସ୍ଥାନରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। କେଉଁଠି ପୋଲ କାମ ଚାଲିଛି ତ ଆଉ କେଉଁଠି ପିଚୁ କାମ ସରିନାହିଁ। ଅନ୍ୟପଟେ ଉକ୍ତ ରାସ୍ତାର ଗଁଦିଆ ହାଟ ଛକ ବ୍ୟସ୍ତବହୁଳ ସ୍ଥାନ। ଏଠାରେ କେବଳ ଦିନବେଳା ନୁହେଁ, ରାତି ୧୧ଟା ପର୍ଯ୍ୟନ୍ତ ଭିଡ଼ ଲାଗିରହେ। ଏହି ରାସ୍ତାର ବାମ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହୋଇଛି। ଡ୍ରେନ ଉପରେ ଢାଙ୍କୁଣୀ ପଡ଼ିଛି। ମାତ୍ର ଏହି ଛକରେ ନିର୍ମାଣ ହୋଇସାରିଥିବା ଡ୍ରେନର ଏକ ସ୍ଥାନରେ ଢାଙ୍କୁଣୀ ନ ଥିବାରୁ ରାତିରେ ଅନେକ ପଥଚାରୀ, ସାଇକଲ ଚାଳକ, ବାଇକ ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମୁକୁଳା ଡ୍ରେନ ଉପରେ ଢାଙ୍କୁଣୀ ପକାଇବା ପାଇଁ ଠିକାଦାରଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ଆଜିପର୍ଯ୍ୟନ୍ତ ଢାଙ୍କୁଣୀ ପଡ଼ିନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଚତୁର୍ଥ ବନ୍ଧୁମିଳନ କାର୍ଯ୍ୟକ୍ରମ



ଢେଙ୍କାନାଳ,୮ ।୨(ସମିସ): ସ୍ଥାନୀୟ ପିଏମ୍ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଷଷ୍ଠରୁ ଏକାଦଶ ଶ୍ରେଣୀ ମଧ୍ୟରେ ୧୯୮୦ ବ୍ୟାଚ୍‌ର ସହପାଠୀଙ୍କ ଚତୁର୍ଥ ବନ୍ଧୁମିଳନ କାର୍ଯ୍ୟକ୍ରମ ବନଦୁର୍ଗା ମନ୍ଦିର ନିକଟ ପାଣିଓହଳାଠାରେ ଅନୁଷ୍ଠିତ ହୋଇଛି। ଏଥିରେ ତତ୍କାଳୀନ ସମସ୍ତ ଛାତ୍ରଛାତ୍ରୀ ପରିବାର ସହ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

### ● ଢେଙ୍କାନାଳ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ରଦ୍ଦ

# ଆଲୁମ୍ନି ଆସୋସିଏସନର କ୍ଷୋଭ



ଢେଙ୍କାନାଳ,୮ ।୨(ସମିସ): ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଲୁମନି ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ ସଭାପତି ଡ. ଅଭୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପାଦକ ବିଶ୍ୱନାଥ ବେହେରା ବାର୍ଷିକ ଆଲୁମ୍ନି ମିଟ୍‌ର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ବର୍ତ୍ତମାନ ସୁଦ୍ଧା ମୋଟ ୬୯ ଅଛନ୍ତି। ଏହାକୁ ବ୍ୟାପକ କରିବା ଆବଶ୍ୟକ ବୋଲି ସେ କହିଥିଲେ। ତେବେ ମହାବିଦ୍ୟାଳ୍ୟର ସ୍ୱୟଂଶାସିତ ମାନ୍ୟତା ରଦ୍ଦ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସଭ୍ୟମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ପ୍ରଶାସନିକ ଗୃହ, ଶ୍ରେଣୀଗୃହ, ସ୍ୱତନ୍ତ୍ର ପିଜି ବ୍ଲକ ନିର୍ମାଣ, ଖାଲି ପଡ଼ିଥିବା କର୍ମଚାରୀ ପଦବୀ ପୂରଣ ସହ ଏହି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ନେଇ ଖୁବଶୀଘ୍ର ସଂଘ ତରଫରୁ ଏକ କମିଟି ଗଠନ କରାଯାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରାଯିବ ବୋଲି ସଭାପତି ଡ. ପଣ୍ଡା ମତବ୍ୟକ୍ତ କରିଥିଲେ। ଏଥି ନିମନ୍ତେ ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଏକ ଉପକମିଟି ଗଠନ କରାଯାଇଛି। ଉପସଭାପତି ବେଣୁଧର ସାହୁ, କୋଷାଧ୍ୟକ୍ଷ ସୁନୀଲ ଦାସ, ଯୁଗ୍ମ ସମ୍ପାଦକ ଶରତ ସାହୁ ଓ ସମ୍ବିଦ ସାହୁଙ୍କୁ କମିଟି ସଦସ୍ୟ ଭାବେ ଚୟନ କରାଯାଇଛି। କମିଟି ରିପୋର୍ଟ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉପସଭାପତି ସୁକାନ୍ତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଗଜମରାରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



ଢେଙ୍କାନାଳ,୮ ।୨(ସମିସ): ସଦର ବ୍ଲକ୍ ଅନ୍ତର୍ଗତ ଗଜମରା ଗ୍ରାମରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ଗଜମରା ପୋଇଝର ଠାରୁ ପୂଜାର୍ଚ୍ଚନା କରାଯାଇ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଗ୍ରାମ ପରିକ୍ରମା କରାଯାଇ ପୀଠରେ ସ୍ଥାପନ କରାଯିବା ପରେ ଅଧିବାସ ପୂଜା ସହିତ ଅଖଣ୍ଡଦୀପ ସ୍ଥାପନ କରାଯାଇଥିଲା। ୭ ତାରିଖ ଦିନ ନାମଯଜ୍ଞ ଓ ହରିହାଟ ଅନୁଷ୍ଠିତ ହୋଇଥିଲା। ଉକ୍ତ ନାମଯଜ୍ଞରେ ଛପନ ଭୋଗ ଲାଗି କରାଯାଇଥିଲା। ଅଦ୍ୟ ୮ ତାରିଖରେ ବୈଠକ କୀର୍ତନ ଓ ନଗର ଭ୍ରମଣ ସହିତ ଏକ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦସେବନ କରିଥିଲେ। ଏହି ନାମଯଜ୍ଞରେ ଆଖପାଖ ଅଂଚଳର ୧୦ଦଳ ସଂକୀର୍ତନ ମଣ୍ଡଳୀ ଯୋଗଦେଇଥିବା ବେଳେ ବୈଠକ କୀର୍ତନରେ ୮ ଦଳ ସଂକୀର୍ତନ ମଣ୍ଡଳୀ ଯୋଗଦେଇଥିଲେ। ପୂଜକ ବାବାଜୀ ଶ୍ରୀଧର ଦାସ, କର୍ତା ନବକିଶୋର ସ୍ୱାଇଁ ସମସ୍ତ ପୂଜା ସମ୍ପାଦନ କରୁଥିବାବେଳେ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ସମ୍ପାଦକ ବିପିନ ବିହାରୀ ସ୍ୱାଇଁ, କଳସଧାରୀ ବେଣୁଧର ସାହୁ, ଆକାଶ ସ୍ୱାଇଁ, ତପନ ସ୍ୱାଇଁ ଓ ମନୋଜ ବେହେରା, କୀର୍ତନ ମଣ୍ଡଳୀ ସଭାପତି ଧରଣୀଧର ବେହେରା, ଗ୍ରାମର ସଂଜୟ ନାୟକ, ସନାତନ ବେହେରା, ଶିବରାମ ସ୍ୱାଇଁ, ଶିବାନନ୍ଦ ସ୍ୱାଇଁ, ବସନ୍ତ ବେହେରା, ଅଲେଖ ସ୍ୱାଇଁ ଓ ଶ୍ରୀନିବାସ ବେହେରା ପ୍ରମୁଖଙ୍କ ସହିତ ଗଜମରା ଗ୍ରାମବାସୀ ସହଯୋଗ କରିଥିଲେ।

# କାଙ୍କଡ଼ପାଳରେ ୨୦ତମ ବାର୍ଷିକ ନାମଯଜ୍ଞ

ଢେଙ୍କାନାଳ,୮ ।୨(ସମିସ): ସଦର ବ୍ଲକ୍ କାଙ୍କଡ଼ପାଳ ପୁରୁଣାସାହିରେ ୨୦ତମ ବାର୍ଷିକ ନାମଯଜ୍ଞ ଉଦଘାଟିତ ହୋଇଛି। ଏଥିରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ବିଜେପି ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ ଭିଶାଲ୍ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶନିବାର କଳସ ଯାତ୍ରା ସହିତ ଅଧିବାସ ପୂଜା ହୋଇଥିଲା। ନାମଯଜ୍ଞରେ ଆଖପାଖ ଅଞ୍ଚଳର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆଳତି ଓ ବିଭିନ୍ନ ଭୋଗ ଲାଗି କରାଯିବା ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ସୋମବାର ନଗରଭ୍ରମଣ ଓ ବୈଠକ କୀର୍ତ୍ତନ ଅନୁଷ୍ଠିତ ହେବ। ପୂଜକ ଜଗନ୍ନାଥ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରୁଥିବାବେଳେ ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ପୁରୁଷୋତ୍ତମ ଦାସ, ସଭ୍ୟ ବିଚିତ୍ରାନନ୍ଦ ଦାସ, ଦୁର୍ଯ୍ୟୋଧନ ସାହୁ, ପ୍ରମୋଦ ପଣ୍ଡା, ବିଶ୍ୱଜିତ୍ ସାହୁ, ବାପୁନା ଦାସ ଓ ଗିରୀଶ ଚନ୍ଦ୍ର ଦାସ ପ୍ରମୁଖଙ୍କ ସହ କାଙ୍କଡ଼ପାଳ ପୁରୁଣାସାହି ବାସିନ୍ଦା ସହଯୋଗ କରିଥିଲେ।



# ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ସମ୍ମିଳନୀ



ଢେଙ୍କାନାଳ,୮ ।୨(ସମିସ): ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ୭ମ ବ୍ଲକ୍ ସମ୍ମିଳନୀ ସୁଜାତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ ଏଆଇଟିୟୁସି ଜିଲ୍ଲା ସଭାପତି ରବି ରଥ ସମ୍ପାଦକ ନାରାୟଣ ନାୟକ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ପାଦିକା ସମ୍ମିଳନୀ ବିବରଣୀ ଉପସ୍ଥାପନା କରିଥିଲେ। କେନ୍ଦ୍ରମାନଙ୍କରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଆୟବ୍ୟୟର ହିସାବ ଦିଆଯାଇଥିଲା। ଗତ ଅପ୍ରେଲ ମାସ ଠାରୁ କେନ୍ଦ୍ର ମାନଙ୍କରେ ସଠିକ୍ ଭାବରେ ଚାଉଳ, ରୋଷେଇ ପଇସା, ଅଣ୍ଡା ମିଳୁ ନଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆସନ୍ତା ୧୨ ତାରିଖରେ ହେଉଥିବା ସର୍ବଭାରତୀୟ ଧର୍ମଘଟ ଉପରେ ଆଲୋଚନା କରାଯାଇଥିଲା। କେନ୍ଦ୍ରମାନଙ୍କରେ ଦେଖା ଦେଉଥିବା ସମସ୍ୟା ଉପରେ ସିଡିପିଓଙ୍କୁ ମୌଖିକ ଏବଂ ଲିଖିତ ଭାବରେ ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ଦିନ ପାଇଁ କର୍ମକର୍ତା ନିର୍ବାଚନ କରାଗଲା। ଏଥିରେ ସଭାପତି ଭାବରେ ସୁଜାତା ନାୟକ ଉପସଭାନେତ୍ରୀ ସୁନିତା ବେହେରା, ସମ୍ପାଦିକା ଭାରତୀ ନାଏକ, ସହସମ୍ପାଦିକା କ୍ରିଷ୍ଣା ମଲ୍ଲିକ, କୋଷାଧ୍ୟକ୍ଷ ପୂର୍ଣ୍ଣିମା ତ୍ରିପାଠୀ ନିର୍ବାଚିତ ହେବା ସହିତ ୧୦ଜଣିଆ ବ୍ଲକ୍ କମିଟି ଗଠନ କରାଯାଇଥିଲା। ଉପଦେଷ୍ଟା ଭାବରେ ପ୍ରତିମା ସାହୁ, ମାନସୀ ମହାପାତ୍ରଙ୍କୁ ନିର୍ବାଚିତ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଶୈଳବାଳା ରାଉତ, ରେବତୀ ସାହୁ, ରିନା ବେହେରା, ବିଷ୍ଣୁପ୍ରିୟା ବରାଳ, ସନ୍ଧ୍ୟା ମିଶ୍ର, ମମତା ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ■ ୪୯ତମ ବାପୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଉଦଘାଟନୀ ମ୍ୟାଚରେ ଦେଓଗାଁ ବିଜୟୀ

ଭୁବନ,୮ ।୨(ସମିସ): ଭୁବନ ବ୍ଲକ ଯମୁନାକୋଟ ଗ୍ରାମରେ ୪୯ତମ ବାପୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଉଦଘାଟନୀ ମ୍ୟାଚ୍ ଦେଓଗାଁ ଓ ମାର୍ଥାପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦେଓଗାଁ ଦଳ ବିଜୟୀ ହୋଇଛି। ଟସ ଜିତି ଦେଓଗାଁ ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୬ ଉିକେଟ ହରାଇ ୨୬୪ ରନ କରିଥିଲା। ଗୁଡ୍ଡୁ ନନ୍ଦ ୪୩ ବଲରେ ୧୪୫ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଜବାବରେ ମାର୍ଥାପୁର ଦଳ ୧୮ ଓଭରରେ ୯ ୱିକେଟ ହରାଇ ୨୫୨ ରନ କରିଥିଲା। ଦୁଷ୍ମନ୍ତ ମିଶ୍ର ୩୧ ବଲରୁ ୮୪ ଓ ସୁଶାନ୍ତ ୨୮ ବଲରୁ ୬୫ ରନ କରିଥିଲେ। ଅମ୍ପାୟର ରାଜେନ୍ଦ୍ର ନାୟକ ଓ କାବୁଲା ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରଞ୍ଜନ ବାରିକ, ଖୁଲଣା ରାଉତ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ।



# ଜିଏମ୍ ଷ୍ଟିଲ କାରଖାନାର ଧୂଆଁରେ ଲୋକେ ଅସ୍ତବ୍ୟସ୍ତ

ପରଜଙ୍ଗ,୮ ।୨(ସମିସ):

ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଗାଁରେ ଥିବା ଜିଏମ ଆଇରନ ଓ ଷ୍ଟିଲ କାରଖାନାର ମନିମୁଖି କାର୍ଯ୍ୟ ଯୋଗୁଁ ହଜାର ହଜାର ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। କମ୍ପାନୀ ବିରୋଧରେ ଅଞ୍ଚଳବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। କମ୍ପାନୀ ବର୍ଜ୍ୟ ପରିଚାଳନାରେ ଅବହେଳା ଯୋଗୁଁ ଆଖପାଖର କୁଲେଇ, କୁଆଳୋ, ପିତିରି, ଖାଲପାଳ, କୁଣ୍ଡେଇଖୋଲ, ସିଙ୍ଗଡା, ବିସାନାଳୀ, ରଙ୍ଗଥାଳୀ, ବାସୁଳେଇ ପ୍ରଭୃତି ଗାଁ ପାଇଁ ବିପଦ ସୃଷ୍ଟି କରିଛି। କମ୍ପାନୀର ଚିମ୍‌ନିରୁ ଅତ୍ୟଧିକ ପରିମାଣରେ ଧୂଆଁ ନିର୍ଗତ ହେଉଥିବା ସହ ରାସ୍ତାଘାଟ ସରୁ ସରୁ ଲୁହା ଗୁଣ୍ଡରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ରୋଗର କାରଣ ପାଲଟିଛି।



ପୋଖରୀ ନାଳ ଓ ବିଲବାଡ଼ିରେ ରାତି ପାହିଲା ବେଳକୁ ପାଣି ଉପରେ ଏକ କଳା ରଙ୍ଗର ଆସ୍ତରଣ ପଡ଼ିରହିଛି। ଏ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କମ୍ପାନୀକୁ ଅଭିଯୋଗ କଲେ କର୍ତ୍ତୃପକ୍ଷ ନାଲିଆଖି ଦେଖାଇବା ସହ ଯାହାକୁ କହିବା କଥା କୁହ, ଆମର କିଏ କ'ଣ କରିବ ବୋଲି କହୁଛନ୍ତି। ପ୍ରଦୂଷଣ ଫଳରେ ହଜାର ହଜାର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ବସିଲାଣି। ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କଲେ ଦିନେ ଦୁଇଦିନ ବା ସପ୍ତାହକ ପାଇଁ ପ୍ଲାଣ୍ଟକୁ ବନ୍ଦ କରି ଅଭିଯୋଗ ପ୍ରକୋଷ୍ଠରେ ପ୍ଲାଣ୍ଟ ବନ୍ଦ ବୋଲି ଦର୍ଶାଯାଉଛି। କିଛିଦିନ ପରେ ପୁନର୍ବାର ପ୍ଲାଣ୍ଟ ସମାନ ପ୍ରଦୂଷଣ କରୁଛି। ଫଳରେ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ଏ ନେଇ ଖୁବ୍‌ଶୀଘ୍ର ଅଞ୍ଚଳବାସୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।

